# OFFICE OF THE MUNICIPAL COUNCIL: BALANGIR

Address: - Office of the Municipal Council Balangir, Opp. Of Rajendra park Balangir, Pin: -767001,
Ph No.: - 06652 232720, Email ID:- bgrmc1972@gmail.com


Letter No 5592 /I                                                                 Date. 8/12/2023

## ଅଭିବ୍ୟକ୍ତି ପ୍ରକାଶନ

ଏତତ୍ ଦ୍ୱାରା ବଲାଙ୍ଗିର ପୌରପରିଷଦ ର ସମସ୍ତ ୱାର୍ଡ ର ମିଶନ ଶକ୍ତି ଗୋଷ୍ଠୀ / ବସ୍ତି ବାସିନ୍ଦା ସଂଗଠନ ଙ୍କ ଅବଗତି ନିମନ୍ତେ ଜଣାଇ ଦିଆ ଯାଉଛି ଯେ, ବଲାଙ୍ଗିର ପୌର ପରିଷଦ ଅଧିନରେ ହୋଇଥିବା ସ୍ମାର୍ଟ ପାର୍କ ମଧ୍ୟରେ ଦୋକାନ ଗୃହ ପରିଚାଳନା ପାଇଁ ଦରଖାସ୍ତ ଆହ୍ୱାନ କରାଯାଉଛି । ଇଚ୍ଛୁକ ମିଶନ ଶକ୍ତି ଗୋଷ୍ଠୀ / ବସ୍ତି ବାସିନ୍ଦା ସଂଗଠନ ଙ୍କ ଠାରୁ ତା.୦୭.୧୨.୨୦୨୩ ଠାରୁ ଦରଖାସ୍ତ ଆହ୍ୱାନ କରାଯାଉଅଛି । ଏଥି ନିମନ୍ତେ ଆଗ୍ରହୀ ମିଶନ ଶକ୍ତି ଗୋଷ୍ଠୀ / ବସ୍ତି ବାସିନ୍ଦା ସଂଗଠନ ମାନେ ତା. ୨୦.୧୨.୨୦୨୩ ଅପରାହ୍ଣ ୫ ଟା ସୁଦ୍ଧା ଆବଶ୍ୟକୀୟ କାଗଜପତ୍ର / ଦସ୍ତାବିଜ ନିର୍ଦ୍ଧାରିତ ଆବେଦନ ପତ୍ର ରେ ପୂରଣ କରି ରେଜେଷ୍ଟ୍ରି ପୋଷ୍ଟ / ସ୍ପୀଡ୍ ପୋଷ୍ଟ / କୋରିୟର ମାଧମରେ ଦରଖାସ୍ତ ଦାଖଲ କରନ୍ତୁ । ଧାର୍ଯ୍ୟ ସମୟ ପରେ କୌଣସି ଆବେଦନପତ୍ର ଗ୍ରହଣ କରାଯିବ ନାହିଁ । ଏବଂ ଆସନ୍ତା ତା.୨୧.୧୨.୨୦୨୩ ରିଖ ପୂର୍ବାହ୍ଣ ୧୧.୦୦ ଘଟିକା ସମୟରେ ମିଶନଶକ୍ତି ଗୋଷ୍ଠୀ / ବସ୍ତି ବାସିନ୍ଦା ସଂଗଠନ କିମ୍ବା ସେମାନଙ୍କ ପ୍ରତିନିଧି ଙ୍କ ଉପସ୍ଥିତିରେ ନିମ୍ନ ସାକ୍ଷରକାରୀ ଙ୍କ କାର୍ଯ୍ୟାଳୟରେ ଖୋଲାଯିବା ପାଇଁ ସ୍ଥିର କାରାଯାଇଅଛି । ଆଗ୍ରହୀ ମିଶନ ଶକ୍ତି ଗୋଷ୍ଠୀ / ବସ୍ତି ବାସିନ୍ଦା ସଂଗଠନ ଏହି ଅଭିବ୍ୟକ୍ତି ପ୍ରକାଶନ ସହ ଜଡିତ ଆବେଦନ ପତ୍ର ବଲାଙ୍ଗିର ଜିଲ୍ଲା ୱେବ ସାଇଟ (www.balangir.nic.in) ରୁ ମଧ୍ଯ ଡାଉନଲୋଡ କରିପାରିବେ । ଲଫାପା ର ଉପରେ "_ସ୍ମାର୍ଟ ପାର୍କ ଠାରେ ଦୋକାନ ଗୃହ ପାଇଁ ଆବେଦନ"_ ଲେଖାଥିବା ଆବଶ୍ୟକ । ଅଧିକ ଜାଣିବାପାଇଁ ବଲାଙ୍ଗିର ପରିଷଦର ର CO / ମୁକ୍ତା ପ୍ରକୋଷ୍ଟ ସହିତ ଯୋଗାଯୋଗ କରନ୍ତୁ । ଆବେଦନ ପାଇଁ ନିର୍ଦ୍ଧାରିତ ଆବେଦନ ପତ୍ର ସଂଲଗ୍ନ କରାଗଲା ।

Memo No. 5593 /Dt. 08/12/2023

Copy to I&PR Department Odisha, Bhubaneswar for information and necessary action. They are requested to Publish the EOI for one day in Two daily Odia News Paper in all Odisha Publication in minimum size.

କାର୍ଯ୍ୟ ନିର୍ବାହୀ ଅଧିକାରୀ,
ବଲାଙ୍ଗିର ପୌରପାଳିକା

**ମିଶନଶକ୍ତି ଗୋଷ୍ଠୀ / ବସ୍ତି ବାସିନ୍ଦା ସଂଗଠନ ର ଯୋଗ୍ୟତା ପରିମାପକ ମାନଦଣ୍ଡ**

୧. ଆବେଦନ କରିଥିବା ମିଶନଶକ୍ତି ଗୋଷ୍ଠୀ / ବସ୍ତି ବାସିନ୍ଦା ସଂଗଠନ ବଲାଙ୍ଗିର, ପୌର ପରିଷଦ ରେ ପଞ୍ଜିକୃତ ହୋଇଥିବେ ।

୨. ପଂଚ ସୂତ୍ର ନିୟମକୁ ଅନୁପାଳନ କରୁଥିବେ (ନିୟମିତ ବୈଠକ, ନିୟମିତ ସଂଚୟ, ନିୟମିତ ଗୋଷ୍ଠୀ ମଧ୍ଯରେ ଋଣକାରବାର, ନିୟମିତ ପରିଶୋଧ, ନିୟମିତ ହିସାବ ରଖିବା ଇତ୍ୟାଦି )

୩. ମିଶନଶକ୍ତି ଗୋଷ୍ଠୀ / ବସ୍ତି ବାସିନ୍ଦା ସଂଗଠନ PAN Card ଥିବ ।

୪. ଗୋଷ୍ଠୀ / ସଂଘର ସକ୍ରିୟ ଜମାଖାତ ଥିବ ।

୫. କୌଣସି ଅର୍ଥିକ ଅନିୟମିତତା କିମ୍ବା ବ୍ୟାଙ୍କ୍ ଖିଲାପି ନଥିବେ ।

୬. ଗୋଷ୍ଠୀ / ସଂଘ ଗୋଟିଏ ଆର୍ଥିକ ବର୍ଷରେ ୪୦ ଲକ୍ଷ ରୁ ଅଧିକ କାର୍ଯ୍ୟ କରିନଥିବେ ।

୭. ଗୋଷ୍ଠୀ / ସଂଘ ଆର୍ଥିକ ବର୍ଷରେ ୨.୫ ଲକ୍ଷ ରୁ ଅଧିକ ତଦାରଖ ରାଶି ଯଦି ପାଇଥିବେ ସେ ସରକାରଙ୍କ ଆୟକର ଦେୟ କରିଥିବେ ।

୮. ଗୋଷ୍ଠୀ / ସଂଘ ର ପଞ୍ଜିକରଣ ଅଭିବ୍ୟକ୍ତି ପ୍ରକାଶନ ର ତାରିଖ ପୂର୍ବରୁ ଏକ ବର୍ଷ ହୋଇଥିବ ।

କାର୍ଯ୍ୟ ନିର୍ବାହୀ ଅଧିକାରୀ,
ବଲାଙ୍ଗିର ପୌରପାଳିକା

ପରି ପତ୍ର ସଂଖ୍ୟା : 5594 ତାରିଖ : 08/12/2023

ଏହାର ଏକକିତା ନକଲ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ, ବଲାଙ୍ଗିର ଙ୍କ ଅବଗତି ଓ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା । ବିଜ୍ଞାପନ ଟି ୱାର୍ଡ ମାନଙ୍କ ର ସମସ୍ତ ମିଶନଶକ୍ତି ଗୋଷ୍ଠି ମାନଙ୍କ ଦୃଷ୍ଟି କୁ ଆଣିବାକୁ ଅନୁରୋଧ ।

କାର୍ଯ୍ୟ ନିର୍ବାହୀ ଅଧିକାରୀ,
ବଲାଙ୍ଗିର ପୌରପାଳିକା

ପରି ପତ୍ର ସଂଖ୍ୟା : 5595 ତାରିଖ : 08/12/2023

ଏହାର ଏକକିତ। ୱାର୍ଡ ଅଧିକାରୀ / CMM/ ଗୋଷ୍ଠି ସଙ୍ଗଠିକା ବଲାଙ୍ଗିର ପୌରପାଳିକା ଙ୍କ ଅବଗତି ଓ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା । ବିଜ୍ଞାପନ ଟି ସମସ୍ତ ୱାର୍ଡ ମାନଙ୍କ ର ମିଶନଶକ୍ତି ଗୋଷ୍ଠି / ବସ୍ତି ବାସିନ୍ଦା ସଂଗଠନ ମାନଙ୍କ ଦୃଷ୍ଟି ଗୋଚର ହେଲା ବୋଲି ପ୍ରାମାଣିକ ହସ୍ତାକ୍ଷର ସହ ଯୋଗାଇଦେବା କୁ ୱାର୍ଡ ଅଧିକାରୀ ମାନଙ୍କୁ ଅନୁରୋଧ ।

କାର୍ଯ୍ୟ ନିର୍ବାହୀ ଅଧିକାରୀ,
ବଲାଙ୍ଗିର ପୌରପାଳିକା

ପରି ପତ୍ର ସଂଖ୍ୟା : 5596 ତାରିଖ : 08/12/2023

ଏହାର ଏକକିତ। ନକଲ ଅଫିସ ନୋଟିସ ବୋର୍ଡ ରେ ସମସ୍ତ ଙ୍କ ଅବଗତି ନିମନ୍ତେ ପ୍ରକାଶନ କରାଗଲା ।

କାର୍ଯ୍ୟ ନିର୍ବାହୀ ଅଧିକାରୀ,
ବଲାଙ୍ଗିର ପୌରପାଳିକା

ପରି ପତ୍ର ସଂଖ୍ୟା : 5597 ତାରିଖ : 08/12/2023

ଏହାର ଏକକିତ। ନକଲ NIC, Balangir ଙ୍କ wwebsite ରେ upload କରିବା ନିମନ୍ତେ ପ୍ରେରଣ କରାଗଲା ।

କାର୍ଯ୍ୟ ନିର୍ବାହୀ ଅଧିକାରୀ,
ବଲାଙ୍ଗିର ପୌରପାଳିକା

# ମୁକ୍ତା ଯୋଜନା ରେ ଦେକାନ ଗୃହ ପରିଚାଳନା ପାଇଁ ଆବେଦନ ପତ୍ର
## ବଲାଙ୍ଗିର ପୌର ପରିଷଦ, ବଲାଙ୍ଗିର

ପ୍ରକଳ୍ପ ନାମ : ______________________________

ତାରିଖ __________

୧. ମିଶନ ଶକ୍ତି ଗୋଷ୍ଠୀ / ବସ୍ତି ବାସିନ୍ଦା ସଙ୍ଘର ନାମ –

୨.ଗୋଷ୍ଠୀ/ସଙ୍ଘର ସଭାପତି ଏବଂ ସମ୍ପାଦିକାଙ୍କମୋବାଇଲ ନମ୍ବର :............................/........................

୩. ଗୋଷ୍ଠୀ/ସଙ୍ଘର ଠିକଣା (ୱାର୍ଡ ନମ୍ବର ସହିତ)-

୪. ସମ୍ପୃକ୍ତ ସଦସ୍ୟା/ସଦସ୍ୟଙ୍କ ସଂଖ୍ୟା :

୫. ଗୋଷ୍ଠୀ/ସଙ୍ଘରପଞ୍ଜିକରଣ ନମ୍ବର:

୬. ସଞ୍ଚୟ ଖାତା ନମ୍ବର :

୭. ବ୍ୟାଙ୍କ ଓ ଶାଖା ର ନାମ :

୮ . IFSC କୋଡ୍:

୯.ଗୋଷ୍ଠୀ/ସଙ୍ଘର PAN କାର୍ଡ ନମ୍ବର:

୧୦. ସଞ୍ଚୟ ଖାତାରେ ଥିବା ବଳକା ରାଶିର ପରିମାଣ :

୧୧. ପଞ୍ଚସୂତ୍ର ନିୟମାବଳୀ ଅନୁସରଣ କରୁଛନ୍ତି କି ? ...........

୧୨. ଚଳିତ ବର୍ଷ ପାଇଥିବା କାର୍ଯ୍ୟର ସମୁଦାୟ ଆର୍ଥିକ ମୂଲ୍ୟ ............

୧୩. ଚଳିତ ବର୍ଷ ମୁକ୍ତା ଯୋଜନାରେ ପାଇଥିବା ସମୁଦାୟ କାର୍ଯ୍ୟର ବିବରଣୀ (କାର୍ଯ୍ୟର ନାମ ଏବଂ ଏହାର ଆର୍ଥିକ ମୂଲ୍ୟ )

**ଦସ୍ତଖତ (ସଭାନେତ୍ରୀ/ସଭାପତି)** **ଦସ୍ତଖତ(ସମ୍ପାଦିକା/ସମ୍ପାଦକ)**

**ଦରଖାସ୍ତ ସହିତ ପ୍ରମାଣ ପତ୍ର –**

୧. Resolution ଖାତାର ପ୍ରଥମ ପୃଷ୍ଠା ଓ ଶେଷ ୬ ମାସର ନକଲ

୨. ବ୍ୟାଙ୍କ ଖାତାର ପ୍ରଥମ ପୃଷ୍ଠା ଓ ୬ ମାସର ବ୍ୟାଙ୍କ ଷ୍ଟେଟମେଣ୍ଟ

୩. କ୍ୟାଶବୁକ ନକଲ

୪. ସଭାନେତ୍ରୀ/ସଭାପତିଙ୍କ ଆଧାର କାର୍ଡର ନକଲ

୫. PAN କାର୍ଡର ନକଲ

୬. ପୂର୍ବରୁ ପାଇଥିବା କାର୍ଯ୍ୟାଦେଶର ପ୍ରମାଣ ପତ୍ର ର ନକଲ

**ନିର୍ବାହୀ ଅଧିକାରୀ** **ପ୍ରକଳ୍ପ ସଂଯୋଜକ (ମୁକ୍ତା)**

